# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 September – 2026

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

– ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୪୮ ହଜାର କୋଟିରେ ପହଁଞ୍ଚିବ; ଗୃହରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

- ବନ୍ୟା ଯୋଗୁଁ ୨୬ଟି ଜିଲ୍ଲାର ୭ ହଜାର ୮୩୪ଟି ଗ୍ରାମ ପ୍ରଭାବିତ; କହିଲେ ରାଜସ୍ୱ ମନ୍ତ୍ରୀ

- ରାଜ୍ୟରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ପାଇଁ ଉପଲବ୍ଧ ସରକାରୀ ଜମିର ସର୍ବୋତ୍ତମ ବ୍ୟବହାର ଉପରେ ରାଜସ୍ୱ ବିଭାଗର ଗୁରୁତ୍ୱ

ଏବଂ

- 'ଦୃଢ଼ ଏକତାର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଜଳାତଙ୍କ ଦିବସ

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ମୌସୁମୀ ଅଧିବେଶନର ଆଜି ଲଗାତାର ପଞ୍ଚମ ଦିନରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରଥମାର୍ଦ୍ଧରେ ଗୃହ ଆରମ୍ଭ ହେବାମାତ୍ରେ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିଥିଲେ। ବାଚସ୍ପତି ସୁରମା ପାଢ଼ି ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ ବାଚସ୍ପତି ବିଧାନସଭାକୁ ପ୍ରଥମେ ୧୦ଟା ୩୬ରୁ ପୂର୍ବାହ୍ନ ସାଢ଼େ ୧୧ଟା ଓ ପରେ ୧୨ଟା ୧୭ ମିନିଟ୍‌ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ’ ସଦସ୍ୟ ସୌଭିକ ବିଶ୍ୱାଳଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ରଖି ରାଜ୍ୟରେ ଅପମିଶ୍ରିତ ଖାଦ୍ୟ ବିରୁଦ୍ଧରେ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଏମ୍.ଏମ୍.ଡି.ଆର୍ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳକୁ ଶାସକ ଦଳ ବିଧାୟକ ସମାଲୋଚନା କରି କହିଛନ୍ତି, ସମଗ୍ର ରାଜ୍ୟରେ ବନ୍ୟା ପରିସ୍ଥିତି ଲାଗି ରହିଛି। ମୁଖ୍ୟମନ୍ତ୍ରୀ ସ୍ଥିତିର ମୁକାବିଲା ପାଇଁ ବିପନ୍ନଙ୍କ ନିକଟରେ ପହଁଞ୍ଚି ସୁବିଧା ଅସୁବିଧା ବୁଝୁଛନ୍ତି। ତେବେ ବିରୋଧୀ ସଦସ୍ୟମାନେ ଲୋକଙ୍କ ପ୍ରସଙ୍ଗ ଉପରେ ଆଲୋଚନା ନ କରି ଉଦ୍ଦେଶ୍ୟମୂଳକ ଭାବେ ଗୃହ ଚଳାଇ

ଦେଉନାହାଁନ୍ତି। ଯାହା ଦୁର୍ଭାଗ୍ୟଜନକ ବୋଲି ଶାସକ ଦଳର ସଦସ୍ୟ ଆକାଶଦାଶ ନାୟକ, ସନାତନ ବିଜୁଳି, ଭାସ୍କର ମଢ଼େଇ, ପ୍ରତାପ ଚନ୍ଦ୍ର ନାୟକ, ଜଲେନ ନାୟକ, ଅମର ନାୟକ, ଜୟ ଢୋଲକିଆ ଓ ଦୁର୍ଗାପ୍ରସନ୍ନ ପ୍ରମୁଖ କହିଥିଲେ।

BBSR/R

## ବିଧାନସଭା–ଋଣ

ରାଜ୍ୟର ଋଣଭାର ୨୦୨୭ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧ ଲକ୍ଷ ୪୮ ହଜାର ୧୮୭ କୋଟି ୮୨ ଲକ୍ଷ ଟଙ୍କା ପହଁଞ୍ଚିବ ବୋଲି ବଜେଟ୍‌ରେ ଆକଳନ କରାଯାଇଛି। ବିଧାନସଭାରେ ସଦସ୍ୟ ତୁଷାରକାନ୍ତି ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣ ୩୧ ହଜାର ୩୪୪ ଦଶମିକ ୫/୯ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ୨୦୦୫-୦୬ ଆର୍ଥିକ ବର୍ଷଠାରୁ ପ୍ରତ୍ୟେକ ବର୍ଷ କ୍ରମାଗତଭାବରେ ରାଜସ୍ୱ ବଳକା ସୃଷ୍ଟି କରିଆସୁଅଛନ୍ତି। ପ୍ରତିବର୍ଷ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣଭାବରେ ପୁଞ୍ଜିଖର୍ଚ୍ଚରେ ବିନିଯୋଗ କରାଯାଉଛି ଏବଂ ଏହି ଅର୍ଥରୁ କୌଣସି ଅର୍ଥ ରାଜସ୍ୱ ବ୍ୟୟ ପାଇଁ ଖର୍ଚ୍ଚ କରାଯାଉନାହିଁ ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

BBSR/R

## ବିଧାନସଭା– ସମ୍ପତ୍ତି ଠୁଳ

ରାଜ୍ୟରେ ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ବିଭିନ୍ନ ବିଭାଗର ୨୪୦ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଫାନ୍ଦି ମାମଲା ଏବଂ ୧୩୦ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ କରାଯାଇଛି। ବିଧାନସଭାରେ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମାମଲାଗୁଡ଼ିକରେ ୩୦୬ କୋଟି ୪୭ ଲକ୍ଷ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଛି। ୨୮୫ ଜଣ ଦୋଷୀ ସାବ୍ୟସ୍ତ ହେବା ସହ ୬୮୫ଟି ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

BBSR/R

## ବିଧାନସଭା– ପନିର

ରାଜ୍ୟରେ ପନିର ଓ ଛେନା ଅପମିଶ୍ରଣକୁ ରୋକିବା ନେଇ ୧୮ଟି ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଗୃହରେ ସୂଚନା ଦେଇଛନ୍ତି। କଟକରେ ଚଢ଼ାଉ କରାଯାଇ ୭୧ କୁଇଣ୍ଟାଲ ପନିର ନଷ୍ଟ କରାଯାଇଛି। ସେହିଭଳି ନିଆଳିରେ ଅପମିଶ୍ରିତକାରୀଙ୍କ ଉପରେ ବି.ଏନ୍.ଏସ୍. ଧାରା ୨୭୫ରେ ଏତଲା ଦାଏର କରାଯାଇଛି। ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ଗତ ଦୁଇ ବର୍ଷ ମଧ୍ୟରେ ୯୫ ଲକ୍ଷ ୯୧ ହଜାର ଟଙ୍କାର ଜୋରିମାନା ଆଦାୟ କରାଯିବା ସହ ୪୧୩ଟି

ମାମଲା ରୁଜୁ କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହରେ ଉତ୍ତର ରଖିଛନ୍ତି ।

Desk

# ପାଣିପାଗ

ଗଭୀର ଅବପାତ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଏବଂ ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବନ୍ୟା ପରିସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୨୬ଟି ଜିଲ୍ଲାର ୨୦୫ଟି ବ୍ଲକ, ୧୩ ଶହ ୬୦ ପଞ୍ଚାୟତର ୭ ହଜାର ୮୩୪ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ଏଥିସହିତ ୩୮ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୨୧୯ଟି ୱାର୍ଡ ମଧ୍ୟ ଏଥିରେ ପ୍ରଭାବିତ ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

**- V/O -**

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି, ଆଜି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳିରେ ପ୍ରାୟ ୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ । ମହାନଦୀକୁ ଛାଡ଼ି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ବୈତରଣୀ ଓ ସାଳନ୍ଦୀ ନଦୀରେ ପାଣି ହ୍ରାସ ପାଇଛି । ମହାନଦୀ ପାଇଁ ମୁଖ୍ୟତଃ କଟକ,

ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁରର ତଳିଆ ଅଞ୍ଚଳର ଚାଷ ଜମି ଜଳମଗ୍ନ ହେବ ବୋଲି ଶ୍ରୀ ରାଉତ କହିଛନ୍ତି ।

ଅପରପକ୍ଷରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୫/୨ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତିସେକେଣ୍ଡରେ ୫ ଲକ୍ଷ ୩୦ ହଜାର ୨୪୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୩୦ଟି ଗେଟ୍ ଦେଇ ୪ ଲକ୍ଷ ୯୨ ହଜାର ୬୦ ଘନଫୁଟ ଜଳ ନିଷ୍କାସିତ ହେଉଛି ।

BBSR/R

## ଜନକଲ୍ୟାଣକାରୀ ପ୍ରକଳ୍ପ

ରାଜ୍ୟରେ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ପ୍ରକଳ୍ପ ପାଇଁ ଉପଲବ୍ଧ ସରକାରୀ ଜମିର ସୁବ୍ୟବସ୍ଥିତ ଓ ସର୍ବୋତ୍ତମ ବ୍ୟବହାର ନିଶ୍ଚିତ କରିବା ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗୁରୁତ୍ୱ ଦେଉଛି । ଏହି ପରିପ୍ରେକ୍ଷୀରେ ଦୀର୍ଘ ସମୟଧରି ଅବ୍ୟବହୃତ ରହିଥିବା କିମ୍ବା ଅନୁମୋଦିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ

ହେଉଥିବା ଲିଜ୍ ପ୍ରଦତ୍ତ ତଥା ହସ୍ତାନ୍ତରିତ ସରକାରୀ ଜମିର ସମୀକ୍ଷା କରି ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ି ଚିଠି ମାଧ୍ୟମରେ ନିର୍ଦ୍ଦେଶ ଜାରି କରିଛନ୍ତି ।

Jharsuguda

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ପିଏମ୍ ସ୍ୱନିଧି'** ସମ୍ପର୍କରେ...

କ୍ଷୁଦ୍ର ଓ ରାସ୍ତାକଡ଼ ବିକ୍ରେତାଙ୍କୁ ସହଜ ଋଣ ଯୋଗାଇବା ଏବଂ ସେମାନଙ୍କ ଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ଅବଧିକୁ ୨୦୩୦

ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଯୋଜନାରେ ବିନାବନ୍ଧକରେ ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ଦ୍ୱିତୀୟ ପର୍ଯ୍ୟାୟରେ ୨୫ ହଜାର ଏବଂ ତୃତୀୟ ପର୍ଯ୍ୟାୟରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି । ୨୦୨୦ ମସିହା ଜୁନ୍ ମାସ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଚଳିତ ବର୍ଷ ଜୁଲାଇ ୧୨ ତାରିଖ ସୁଦ୍ଧା ୭୬ ଲକ୍ଷ ୯୫ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ୧ କୋଟି ୧୫ ଲକ୍ଷ ଋଣ ମଞ୍ଜୁର କରାଯାଇଛି । ଏଥିରେ ମୋଟ ୧୮ ହଜାର ୪୭୫ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରାଯାଇଛି । ଯୋଜନାରୁ ଝାରସୁଗୁଡ଼ା ସହର ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କ୍ଷୁଦ୍ର ବ୍ୟବସାୟ ଉପକୃତ ହୋଇଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ଝାରସୁଗୁଡ଼ା ସମ୍ବାଦଦାତା ବସନ୍ତ ଜେନା...

**- V/O –**

Desk

## ଭଗତ ସିଂହ ଜୟନ୍ତୀ

ସହିଦ-ଏ-ଆଜମ୍ ଭଗତ୍ ସିଂହଙ୍କ ୧୧୯ତମ ଜନ୍ମଦିବସ ଅବସରରେ ଦେଶବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ୧୯୦୭ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ପଞ୍ଜାବର ଲ୍ୟାଲ୍ଲପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସ୍ମୃତି

ଉଦ୍ଦେଶ୍ୟରେ ଆଜି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଭାରତମାତାର ମୁକ୍ତିସଂଗ୍ରାମର ଅଗ୍ରଦୂତ, ମାତୃଭୂମିର ସ୍ୱାଧୀନତା ପାଇଁ ଭଗତ ସିଂହଙ୍କ ସର୍ବୋଚ୍ଚ ବଳିଦାନ ଓ ବୈପ୍ଳବିକ ଆଦର୍ଶ ଦେଶର ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ତଥା ଦେଶସେବା ଦିଗରେ ଅନୁପ୍ରାଣିତ କରିବ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ ମହାନ କ୍ରାନ୍ତିକାରୀ ସହିଦ ଭଗତ ସିଂହଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

Desk

## ଧର୍ମେନ୍ଦ୍ର– ସେବା ସମ୍ବାଦ

ଅନୁଗୁଳ ଜିଲ୍ଲା କିଶୋର ନଗର ବ୍ଲକ ବାମୁରଠାରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଅଙ୍ଗନବାଡ଼ି, ଆଶାକର୍ମୀ ଓ ହିତାଧିକାରୀ ସହ ସେବା ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଶିଶୁଙ୍କ ପ୍ରାଥମିକ ଯତ୍ନ ସହ ସେମାନଙ୍କର ମାନସିକ ଓ ଶାରୀରିକ ବିକାଶ କ୍ଷେତ୍ରରେ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜର ମିଳିତ ସହଯୋଗ ଓ ସକ୍ରିୟ ଭାଗିଦାରୀ ପ୍ରତ୍ୟେକ ଶିଶୁ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଓ

ମୁଖ୍ୟଧାରାରେ ସାମିଲ ହେବାକୁ ସମ୍ଭବ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Desk

## ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ ।  ଜଳାତଙ୍କ ପ୍ରତିଷେଧ ଟିକା ଉଦ୍ଭାବନ କରିଥିବା ବୈଜ୍ଞାନିକ ଲୁଇ ପାଶ୍ଚରଙ୍କର ସ୍ମୃତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । "ଦୃଢ଼ ଏକତା"ର ବାର୍ତ୍ତା ନେଇ ଚଳିତ ବର୍ଷ ଏହି ଦିବସ ପାଳନ କରାଯାଉଛି ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଜୀବଜନ୍ତୁଙ୍କ ସଠିକ ଟୀକାକରଣ ଓ ସମୟୋଚିତ ଚିକିତ୍ସା ଦ୍ୱାରା ଜଳାନ୍ତକ ରୋଗକୁ ସମ୍ପୂର୍ଣ୍ଣ ପ୍ରତିରୋଧ କରାଯାଇପାରିବ।  ସଚେତନତା ଓ ସାବଧାନତା ରୋଗ ପ୍ରତିରୋଧର ପ୍ରଥମ ମାଧ୍ୟମ। ସ୍ୱେଚ୍ଛାକୃତଭାବେ ସମସ୍ତଙ୍କୁ ଏ ଦିଗରେ ପ୍ରୟାସ କରିବାକୁ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ପରାମର୍ଶ ଦେଇଛନ୍ତି।